# ଧର୍ମଗଡ

ଚିହ୍ନା ଚିହ୍ନା
କେଉଁଠି ଦେଖିଛି
ନିହାତି ଅବେଳରେ
ଅବା ପିଲାଦିନେ
ପରିବା ଦୋକାନରେ ।।୧

କଚେରୀ ପାଖ
ମାପ ଆସିଲା
କିଚିର ମିଚିର
ବ୍ଲକ ସାମ୍ନା
ଇନ୍ଦୀରା ଆବାସ
ବସିଚି ବୁଢା
ଚାରିଛକ ରିକ୍ସାବାଲା
କୋଡିଏକୁ ଗମ୍ଭାରୀଗୁଡା
ମହୁଲି ସହ
ଖାଣ୍ଟି ଦେଶୀ ଚିଡା  ।।୨

ଉପଖଣ୍ଡ ଡାକ୍ତରଖାନା
ଭଣଜା ଆସିଲେ
ପରେ ଔଷଧ
ପ୍ରଥମେ ଚଉକି ଅଣା
ବସ୍ତି ଭିତର
ଚାରି ଟଙ୍କାକୁ
ପାନ ଦି ଖଣ୍ଡ
ଗୋଟାଏ ଚା'
ଉଧାରୀ ନେବୁ
ତେବେ ବି ଆ'  ।।୩

ଗୋରୁ ବଜାର

ସ୍କୁଲ ଛାଡି
ମାଷ୍ଟ୍ରେ ହାଜର
ଦରମା ଛୁଟି
ସବୁ ଶୁକ୍ରବାର
ପଞ୍ଚାୟତ କଲେଜ
ଝିଅ ଅନେଇଛି
ବହାକୁ ବୟସ
ଗୋନ୍ତିଆ ପୁଅ  ।।୪

କକା, ଭାଇ
ସମ୍ପର୍କ ସହର
ଏଇ ଧର୍ମଗତ
ଖୁବ ଆପଣାର
ମଣିଷଜାଣି କରେ
ସେ ଆଦର
ପାରମ୍ପାରିକ ଓଡିଆ
ମହତପଣର ଧର୍ମଗତ  ।।୫

ଦିଗମ୍ବର ପାତ୍ର